# ଖଗେଶ୍ୱର ସାହିତ୍ୟ କଳା ପରିଷଦର ବଛରକିଆ ଉଚ୍ଛବ

**ବିଜେପୁର, ୧୯।୨(ସମିସ):** ବରଗଡ଼ ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବିଜେପୁର ଖଗେଶ୍ୱର ସାହିତ୍ୟ କଳା ପରିଷଦର ବଛରକିଆ ଉଚ୍ଛବ ସଙ୍କର୍ଷଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ଡକ୍ଟର ପ୍ରଦୀପ ପ୍ରଧାନଙ୍କ ସଂଯୋଜନା ତଥା ସଭାପତି ନାଟ୍ୟକାର ମୋହନ ସିଂ ଅଧ୍ୟକ୍ଷତାରେ କଳାକାର ତୁଳସୀ ପ୍ରସାଦ ଗଡ଼ତୀଆଙ୍କ ଜୟନ୍ତୀ ଓ ସାହିତ୍ୟାପ୍ରାଣ କବି ଖଗେଶ୍ୱର ଶେଠଙ୍କ ଶ୍ରାଦ୍ଧୋତ୍ସବ ପାଳନ



କରାଯାଇଥିଲା। ସାହିତ୍ୟିକା ପ୍ରମୋଦିନୀ ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ବଲ୍ଲଭ ମେହେର, ଶିକ୍ଷାବିତ ଘନଶ୍ୟାମ ସାହୁ, ବ୍ଲକ କୃଷି ଅଧିକାରୀ ନିତାଞ୍ଜଳୀ ସାହୁ ପ୍ରମୁଖ ଅତିଥି, ପ୍ରାଧ୍ୟାପକ ଡକ୍ଟର ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ ଆଲୋଚକ ଭାବେ ଯୋଗଦେଇ ଦୁଇ ବିଦ୍ୱାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶେଠ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ସାହିତ୍ୟିକ ସୁବାଷ ମେହେରଙ୍କୁ ଖଗେଶ୍ୱର ସାହିତ୍ୟ ସମ୍ମାନ ଓ ଚିତ୍ରଶିଳ୍ପୀ ଗିରିଧାରୀ ମେହେରଙ୍କୁ ତୁଳସୀ ପ୍ରସାଦ ଗଡ଼ତୀଆ କଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। କବି ଦେବାଶିଷ ମେହେର ଓ ଯୁଗେଶ୍ୱର ତାଣ୍ଡି ମାନପତ୍ର, କଣ୍ଠଶିଳ୍ପୀ ସୁଷମା ଭୋଇ ସଙ୍ଗୀତ ପରିବେଷଣ କରିଥିଲେ। ସମ୍ପାଦକ ରାଜେଶ୍ୱର ବେହେରା ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପଠନ କରିଥିଲେ। ଅଧ୍ୟାପିକା ରଶ୍ମିରେଖା ବାରିକ ଅତିଥି ପରିଚୟ, ସହ ସମ୍ପାଦକ ମକରଧ୍ୱଜ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।ଏହି ଅବସରରେ ପରିଷଦର ବଛରକିଆ ସମ୍ବଲପୁରୀ ସାହିତ୍ୟ ପତ୍ରିକା ମହଖେଲର ଚତୁର୍ଥ ସଂଖ୍ୟା ଲୋକାର୍ପିତ ହୋଇଥିଲା। ଉପସଭାପତି ହୃଦମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବଛରକିଆ ଉଛବ ପୂର୍ବରୁ ବିଶିଷ୍ଟ ଚିତ୍ରଶିଳ୍ପୀ ତୁଳସୀ ପ୍ରସାଦ ଗଡ଼ତୀଆଙ୍କର ସ୍ମୃତିରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ମହେଶ ଦେବତା ଚିତ୍ରାଙ୍କନ ପ୍ରତିଯୋଗିତକୁ ଉଦ୍‌ଘାଟନ କରିଥିଲେ। କବି ମକରଧ୍ୱଜ ସାହୁଙ୍କ ସଂଯୋଜନାରେ ବହୁଭାଷୀ କବିତା ଆସର ଅନୁଷ୍ଠିତ ହୋଇଥିଲା।କବି ଅଶୋକ ପୂଜାହାରୀ, ସ୍ତମ୍ଭକାର ତଥା ଅଧ୍ୟାପକ ସୁଶାନ୍ତ ମିଶ୍ର, କବି ଆଶୁତୋଷ ମେହେର, ସାମ୍ବାଦିକ ନିରଞ୍ଜନ ତ୍ରିପାଠୀ, ସାମାଜିକ କର୍ମୀ ଜନାର୍ଦ୍ଦନ ପାଣିଗ୍ରାହୀ, ଅଧ୍ୟାପକ ପ୍ରକାଶ ସେଠ, ନାଟ୍ୟକାର ରାଜେନ୍ଦ୍ର ମହାନ୍ତି, କବି ଭରତ ନାଏକ ଅତିଥି ଭାବେ ଯୋଗଦେଇ ଥିଲେ। ଅହଲ୍ୟା ପଧାନ, ବିକ୍ରମ ସାହୁ, ଦିବ୍ୟସିନୀ ପଧାନ, ମାଲଫୁଲୁ ହରିପାଲଙ୍କ ସମେତ ବହୁ କବି ସ୍ୱରଚିତ କବିତାମାନ ପାଠ କରିଥିଲେ। ସତ୍ ସାହିତ୍ୟ ସର୍ବଦା କାଳଜୟୀ ହୋଇ ରହେ ବୋଲି ଅତିଥିଗଣ ମତପ୍ରକାଶ କରିଥିଲେ।କବି ଦିଲେଶ ମେହେର ଅତିଥି ପରିଚୟ, କବୟିତ୍ରୀ ସାବିତ୍ରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଚତୁର୍ଥ ଅଧିବେଶନରେ ଆୟୋଜିତ ନୃତ୍ୟ ମହୋତ୍ସବରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସରଗିଡାଙ୍ଗ କଳା ପରିଷଦ ଟି.ଗଣ୍ଡପାଲି, ଜାଗିଂର କଳାକାରଙ୍କ ଲୋକନୃତ୍ୟ ପରିବେଷିତ ହୋଇଥିଲା। ନମିତା ବେହେରାଙ୍କ ସଂଯୋଜନାରେ ପ୍ରତିମା ସେଠ, ମନୋଜ ପାଣ୍ଡେ, ହେମରେଣୁ ମେହେର, ଅରୁଣ ବାଗ ପ୍ରମୁଖ ନୃତ୍ୟ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ। କଣ୍ଠଶିଳ୍ପୀ ଗୋବିନ୍ଦ ସେଠଙ୍କ ସଞ୍ଚାଳନରେ ପଞ୍ଚମ ଅଧିବେଶନରେ ସଙ୍ଗୀତ ସରଗମ ଅନୁଷ୍ଠିତ ହୋଇଥିଲା। ଆକାଶବାଣୀ କଣ୍ଠଶିଳ୍ପୀ ଲେଖାରାମ ମେହେର ଓ ଜୟଲାଲ ବୁଡେଇ, ଅଜିତ ପାଣିଗ୍ରାହୀ, କିଶୋର ଗଡ଼ତୀଆ, ପିଙ୍କୁ ସାହୁ, ଶେଷଦେବ, ସୁଷମା ଭୋଇ, ଶୁଭମ ସାହୁ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ବ୍ଲକ କୃଷି ବିଭାଗ ପକ୍ଷରୁ ମାଣ୍ଡିଆ ଷ୍ଟଲ, ସମ୍ବଲପୁରୀ ବହି ପସରା ଅନ୍ୟତମ ଆକର୍ଷଣର କେନ୍ଦ୍ର ବିନ୍ଦୁ ଥିଲା।

# ଚିକିତ୍ସା ଅଭାବରୁ ୧୨ବର୍ଷର ବାଳକର ମୃତ୍ୟୁ

**ଥୁଆମୂଳରାମପୁର, ୧୯ ।୨ (ସମିସ)**

କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକ ଦୁର୍ଗମ ସିଲେଟ ପଞ୍ଚାୟତର ଦାଣ୍ଡପଦର ଗ୍ରାମରେ ଘଟିଥିବା ଏକ ହୃଦୟବିଦାରକ ଘଟଣା ସାରା ଅଞ୍ଚଳକୁ ଶୋକାକୂଳ କରିଛି। ଏକ ଗରିବ ପରିବାରର ୧୨ ବର୍ଷର ଶିଶୁ ନିରଞ୍ଜନ ନାଏକ ଦୀର୍ଘଦିନ ଧରି ରକ୍ତଶୂନ୍ୟତା ଓ ଟିବି ରୋଗରେ ପୀଡ଼ିତ ଥିଲେ। ଚିକିତ୍ସାର ଅଭାବ ଓ ଆର୍ଥିକ ଅନାଟନ ତାଙ୍କ ଜୀବନକୁ ଶେଷରେ କାଢ଼ିନେଲା। ନିରଞ୍ଜନଙ୍କ ପିତା ଘାସିରାମ ନାଏକଙ୍କ ୮ ବର୍ଷ ପୂର୍ବରୁ ମୃତ୍ୟୁ ଘଟିଥିବା ବେଳେ ବିଧବା ମାଆ ମୁଲା ନାଏକ ଦିନମଜୁରୀ କରି ତିନି ଛୁଆଙ୍କୁ ନେଇ ଦୟନୀୟ ଜୀବନ କାଟୁଛନ୍ତି। ତିନି ଛୁଆଙ୍କ ମଧ୍ୟରେ ନିରଞ୍ଜନ ଥିଲେ ସାନପୁଅ। ପୁଅର ଚିକିତ୍ସା ପାଇଁ ଅର୍ଥ ଯୋଗାଡ଼ କରିବା ମାଆ ପାଇଁ ବଡ଼ ଚ୍ୟାଲେଞ୍ଜ ଥିଲା। ତଥାପି କିଛି ଧନ ଯୋଗାଡ଼ କରି ସମ୍ପର୍କୀୟଙ୍କ ସହାୟତାରେ ସେ ନିରଞ୍ଜନକୁ ବ୍ରହ୍ମପୁରର ଏମ୍‌କେସିଜି. ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ଅତ୍ୟଧିକ ସଂକ୍ରମଣ ହେତୁ ସ୍ୱାସ୍ଥ୍ୟାବସ୍ଥା ଅତି ଗୁରୁତର ହୋଇ ପଡ଼ିବା ପରେ ୧୬ ତାରିଖ ସୋମବାର ଦିନ ଡାକ୍ତର ଗୁରୁତର ନିରଞ୍ଜନକୁ ଉତ୍ତମ ଚିକିତ୍ସା ପାଇଁ ଅନ୍ୟତ୍ର ନେବାକୁ କହିଥିଲେ। ଅର୍ଥ ଅଭାବ ଯୋଗୁଁ ଉପାୟ ଶୂନ୍ୟ ହୋଇ ଘରକୁ ନେଇ ଆସୁଥିବା ବେଳେ ବାଟରେ ନିରଞ୍ଜନର ମୃତ୍ୟୁ ଘଟିଥିଲା। ଗରିବ ଓ



- ଆୟୁଷ୍ମାନ କାର୍ଡ ନଥିବା ହେଲା କି ମୃତ୍ୟୁର କାରଣ
- ଆର୍ଥିକ ଅନାଟନର ଦାରୁଣ ଚିତ୍ର

ଅସହାୟଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ଉଦ୍ଦେଶ୍ୟରେ ପୂର୍ବତନ ବିଜୁ ଜନତା ଦଳ ସରକାର ସମୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଚାଲୁ ଥିଲା, ଯାହା ଦ୍ୱାରା ଅନେକ ଗରିବ ପରିବାର ମୁକ୍ତ ଓ ଉନ୍ନତ ଚିକିତ୍ସାର ସୁଯୋଗ ପାଇଥିଲେ। କିନ୍ତୁ ନିରଞ୍ଜନଙ୍କ ପରିବାର ପାଖରେ ଆୟୁଷ୍ମାନ ଭାରତ କାର୍ଡ ନଥିବାରୁ ଭଲ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିବା ସମ୍ଭବ ହୋଇନଥିଲା ବୋଲି ପରିବାର ଲୋକେ କହିଛନ୍ତି। ପରିବାରର ମତାନୁସାରେ, ଯଦି ସମୟରେ ସରକାରୀ ସ୍ୱାସ୍ଥ୍ୟ କାର୍ଡ ମିଳିଥାନ୍ତା, ତେବେ ସମ୍ଭବତଃ ଏହି ଦୁଃଖଦ ଘଟଣାକୁ ରୋକାଯାଇପାରିଥାନ୍ତା। ଏହି ଘଟଣା ଆଜି ମଧ୍ୟ ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା, ସଚେତନତା ଓ ସରକାରୀ ଯୋଜନାର ପହଞ୍ଚ କେତେ ଅପର୍ଯ୍ୟାପ୍ତ, ତାହାର ଏକ କଠୋର ଚିତ୍ର ଦେଖାଇଦେଇଛି।

# ବିଶ୍ୱ ପଖାଳ ଦିବସ ପାଇଁ ପ୍ରସ୍ତୁତି

**ବରଗଡ଼, ୧୯।୨(ସମିସ):** ଆସନ୍ତା ମାର୍ଚ୍ଚ ୨୦ ତାରିଖରେ ହେବାକୁ ଥିବା ବିଶ୍ୱ ପଖାଳ ଦିବସ ଉପଲକ୍ଷେ ବରଗଡ଼ ଜିଲ୍ଲା ଅତାବିରାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଆଞ୍ଚଳିକ ସାହିତ୍ୟ ପରିଷଦ୍ ଅତାବିରା ତରଫରୁ ସୁବାଷ ଟେଣ୍ଟ ହାଉସ, ରେଙ୍ଗାଲି କ୍ୟାମ୍ପ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି।ଆଞ୍ଚଳିକ ସାହିତ୍ୟ ପରିଷଦ ଅତାବିରାର ସଭାପତି ଦଶରଥ ଭୋଇଙ୍କ ସଭାପତିତ୍ୱରେ ସଙ୍ଗଠନର ବରିଷ୍ଠ ସଦସ୍ୟ ସୁବାଷ ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ସଙ୍ଗଠନର ସମ୍ପାଦକ ସାମ୍ବାଦିକ ସୁରେନ୍ଦ୍ର କଠାର, ବରିଷ୍ଠ ସଦସ୍ୟ କବି କେତନରଣା, ଯୁବକବି ତଥା କୋଷାଧକ୍ଷ ଦୁର୍ଲ୍ଲଭ ଗଡ଼ତିଆ, ବରିଷ୍ଠ କବି ସଞ୍ଜୁ ପ୍ରଧାନ ଏବଂ ମନୋଜ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏକ କବିତା ପାଠୋତ୍ସବ ମଧ୍ୟ ଅନୁଷ୍ଠିତ ହେବ। ନିଆରା ଢ଼ଙ୍ଗରେ ଏଥର କବି କଳାକାର୍ ସାହିତ୍ୟିକଙ୍କୁ ଉତ୍ସାହିତ କରାଇ, ପଖାଳର ମହତ୍ତ୍ୱକୁ ପ୍ରଚାର ପ୍ରସାର କରାଇବା ଉଦ୍ଦେଶ୍ୟରେ ପଖାଳ ଦିବସ ଅବସରରେ ଆଞ୍ଚଳିକ ସାହିତ୍ୟ ପରିଷଦ୍ ଅତାବିରା ତରଫରୁ 'ଫପଖାଳ' ଉପରେ ଏକ ସ୍ୱତନ୍ତ୍ର ପୁସ୍ତିକା ଉନ୍ମୋଚିତ ହେବ ବୋଲି ସମସ୍ତ କବି, କବୟିତ୍ରୀ, ଲେଖକ, ସାହିତ୍ୟିକଙ୍କୁ ଲେଖା ପଠାଇବା ପାଇଁ ଆହ୍ୱାନ କରାଯାଇଛି। ଏହାର ଦାୟିତ୍ୱରେ ଆଞ୍ଚଳିକ ସାହିତ୍ୟ ପରିଷଦ୍‌ର ବରିଷ୍ଠ ସଦସ୍ୟ କବି ଧର୍ମରାଜ ପ୍ରଧାନ, ସୁବାଷ ପ୍ରଧାନ, ଏବଂ ଦୁର୍ଲ୍ଲଭ ଗଡ଼ତିଆ ଅଛନ୍ତି। ଶେଷରେ କେତନରଣା ଧନ୍ୟବାଦ ଜ୍ଞାପନ କରିଥିଲେ।

# ଜିଲ୍ଲା ଖାଉଟି ଅଦାଲତରେ ବିଚାରକଙ୍କ ସ୍ଥାୟୀ ନିଯୁକ୍ତି ଦାବି

**ବରଗଡ଼, ୧୯।୨(ସମିସ):** ସାଧାରଣତଃ ଖାଉଟିମାନେ ଠକାମୀର ଶିକାର ହୋଇ ଉପଯୁକ୍ତ ନ୍ୟାୟ ପାଇବା ନିମନ୍ତେ ଜିଲ୍ଲା ଖାଉଟି ଅଭିଯୋଗ ଅଦାଲତର ପରିକଳ୍ପନା କରାଯାଇଛି। ଖାଉଟି ସୁରକ୍ଷା ଆଇନ୍ ମତେ ସମସ୍ତ ପ୍ରକାର ଖାଉଟିଙ୍କୁ ନ୍ୟାୟ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ସେହିପରି ବରଗଡ଼ରେ ମଧ୍ୟ ଜିଲ୍ଲା ଖାଉଟି ଅଦାଲତ ରହିଛି। ମାତ୍ର ବିଡମ୍ବନାର ବିଷୟ ଯେ ଗତ ପ୍ରାୟ ୪ରୁ ୫ ବର୍ଷ ହେବ ବରଗଡ଼ ଜିଲ୍ଲା ଖାଉଟି ଅଦାଲତରେ କୌଣସି ନିୟମିତ ବିଚାରକଙ୍କ ନିଯୁକ୍ତି ହୋଇନାହିଁ। ହେଲେ ବହୁତ୍ ଗୁଡିଏ ଅଭିଯୋଗ ହେବାପରେ ଏଠାରେ ଅନ୍ୟ ଜିଲ୍ଲାର ବିଚାରକଙ୍କୁ କାମଚଳା ଭାବେ ସପ୍ତାହକୁ ଦୁଇଦିନ ପାଇଁ ଅସ୍ଥାୟୀ ନିଯୁକ୍ତି ଦିଆଯାଇଥିଲା। ଉକ୍ତ ଦୁଇଜଣ ବିଚାରକ କୌଣସି ପ୍ରକାର କାମ ଚଳାଇ ଦେଉଥିଲେ। କିନ୍ତୁ ଉକ୍ତ ଦୁଇଜଣ ବିଚାରକ ଆସନ୍ତା ମାର୍ଚ୍ଚ ମାସ ୧୬ ତାରିଖରୁ ନିଜ ନିଜ କର୍ତ୍ତବ୍ୟରୁ ଅବ୍ୟାହତି ନେବାକୁ ଯାଉଛନ୍ତି। ଏପରିସ୍ଥଳେ କିନ୍ତୁ ସରକାରଙ୍କ ତରଫରୁ କୌଣସି ପ୍ରକାର ନୂତନ ବିଚାରକଙ୍କ ନିଯୁକ୍ତି ନିମନ୍ତେ ପଦକ୍ଷେପ ଏପର୍ଯ୍ୟନ୍ତ ନିଆଯାଇ ନାହିଁ। ଯଦ୍ୱାରା ମାର୍ଚ୍ଚ ୧୬ ପରଠାରୁ ବରଗଡ଼ ଜିଲ୍ଲା ଖାଉଟି ଅଦାଲତ ସମ୍ପୂର୍ଣ୍ଣ ଭାବେ ଅକାମୀ ହୋଇ ପଡ଼ିବ। ଅଞ୍ଚଳର ଖାଉଟି ମାନେ ଯାହା କିଛି ନ୍ୟାୟ ପାଇପାରୁଥିଲେ ସେଥିରୁ ପୂର୍ଣ୍ଣ ମାତ୍ରାରେ ବଞ୍ଚିତ ହେବେ। ସ୍ଥାନୀୟ ବିଧାୟକ ଓ ରାଜ୍ୟ ସରକାର ଏ ଦିଗରେ ଧ୍ୟାନ ଦେଇ ଯଥାଶୀଘ୍ର ସାଧାରଣ ଖାଉଟି ମାନଙ୍କ ସୁରକ୍ଷା ନିମନ୍ତେ ଚିନ୍ତା କରିବା ଅତି ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

# ବରଗଡ଼ ଜିଲ୍ଲା ପେନସନର କଲ୍ୟାଣ ସଂଘର ବାର୍ଷିକ ଉତ୍ସବ

**ବରଗଡ଼, ୧୯।୨(ସମିସ):** ବରଗଡ଼ ସାଇ କ୍ରିଷ୍ଣା ପ୍ୟାଲେସରେ ଏସ୍‌ବିଆଇ ଜିଲ୍ଲା ପେନସନ ସଂଘର ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ସଂଘର ସଭାପତି ଗୋପୀନାଥ ଦେବତା, ସମ୍ପାଦକ କୁଞ୍ଜ ଭୋଇ, ଓ ବରିଷ୍ଠ ସଭ୍ୟ ଗଙ୍ଗାଧର ବିଭାର, କିଶୋର ପଣ୍ଡା ଆଦି ମଞ୍ଚାସୀନ ଥିଲେ। ସଭାରେ ଦେଶର ଚଳିତ ବଜେଟ୍, ଦରଦାମ ବୃଦ୍ଧି ଓ ପେନସନରଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା।ଚଳିତ ବଜେଟରେ ସାଧାରଣ କର୍ମଚାରୀ ଓ ପେନସନ ଉପଭୋକ୍ତାଙ୍କ ପାଇଁ କିଛି ରିହାତି ନ ଥିବା ହେତୁ ଅସନ୍ତୋଷ ବ୍ୟକ୍ତ କରା ଯାଇଥିଲା।ଅଦ୍ୟାବଧି ଶହେ ପଚାଶ ଜଣ ପେନସନର ନଭେମ୍ବର ମାସ ସୁଦ୍ଧା ଜୀବନ ପ୍ରମାଣପତ୍ର ଦାଖଲ କରି ନ ଥିବା ହେତୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ପେନସନରମାନେ କେମିତି ତାଙ୍କ ଅବସର ସମୟର ସଦବ୍ୟବହାର କରୁଛନ୍ତି ସେ ସମ୍ପର୍କରେ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ। ଆଗାମୀ ଦିନରେ ମହିଳା ପେନସନର ଓ ପେନସନର ମାନେ ସକ୍ରିୟ ସାମାଜିକ




କ୍ଷେତ୍ରରେ କାର୍ଯ୍ୟ କରିବାକୁ ଆଗେଇ ଆସିବାକୁ ଅନୁରୋଧ କରାଯାଇଥିଲା। କୃଷ୍ଣ ଚନ୍ଦ୍ର ପଣ୍ଡା ଓ ମନୋରଞ୍ଜନ ପୂଝାରୀ ସାମାଜିକ କ୍ଷେତ୍ରରେରେ ଓ ରୋହିତ ଦାଶଙ୍କ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ହେତୁ ତାଙ୍କୁ ପ୍ରଶଂସା କରାଯାଇଥିଲା। ଧର୍ମ ମାର୍ଗରେ ପରିଚାଳିତ ହୋଇ ଅବସର ସମୟକୁ କେମିତି ସରସ ଓ ସୁନ୍ଦର କରିହେବ ସମ୍ପର୍କରେ କୁଞ୍ଜବିହାରୀ ପଣ୍ଡା ଓ ଶଙ୍କର ଦାଶ ବୁଝେଇଥିଲେ।ପଚାଶ ବର୍ଷର ସଫଳ ଦାମ୍ପତ୍ୟ ଜୀବନ ପୂର୍ତ୍ତି ଉପଲକ୍ଷେ ଟିକେଶ୍ୱର ବେହେରା ଓ ବେହେରାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। କିଶୋର ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ମନୋରଞ୍ଜନ ପୂଜାରୀ, ଦେବରାଜ ସାହୁ, ବିନୋଦ ପତି ସୁବଳ ସାହୁ, ସାନନ୍ଦ ଦାଶ, ଜଗଦୀଶ ମହାପାତ୍ର, ଆଦି ସଭା ଆୟୋଜନ ଓ ପରିଚାଳନାର ଦାୟିତ୍ୱ ନେଇଥିଲେ। ସଭାରେ ଅବିଭକ୍ତ ସମ୍ବଲପୁର ଓ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ବ୍ଲକରୁ ଶତାଧିକ ପେନସନର ଓ ତାଙ୍କ ପରିବାର ବର୍ଗ ଯୋଗଦାନ କରିଥିଲେ।

# ଧୀରେନ୍ଦ୍ରନାଥ ମୁଣ୍ଡଙ୍କ ଶ୍ରାଦ୍ଧବାର୍ଷିକୀରେ ଶିଶୁ ସାହିତ୍ୟ ସମ୍ମିଳନୀ

**ବରପାଲି, ୧୯।୨(ସମିସ):** ବରପାଲି ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲ ପରିସରରେ ଏକାଡେମୀ ପ୍ରତିଷ୍ଠାତା ସ୍ୱର୍ଗତ ଡ. ଧୀରେନ୍ଦ୍ରନାଥ ମୁଣ୍ଡଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଜାତୀୟ ଶିଶୁ ସାହିତ୍ୟିକ ସମ୍ମିଳନୀ ଆୟୋଜନ ହୋଇଯାଇଛି।ରାଜ୍ୟ ତଥାରାଜ୍ୟ ବାହାରୁ ବହୁ ବିଜ୍ଞ ଶିଶୁ ସାହିତ୍ୟିକ ସାମିଲ ହୋଇଥିଲେ। ପୂର୍ବାହ୍ନ ସମୟରେ ସ୍ୱଭାବ କବି ଗଙ୍ଗାଧରଙ୍କ ଜନ୍ମପୀଠ ଅତିଥି ମାନେ ପରିଦର୍ଶନ କରିବା ସହ ବସଷ୍ଟାଣ୍ଡ ସ୍ଥିତ କବିଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି ବିଦ୍ୟାଳୟ ପରିସରରେ ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ଓ ସଭାପତି ଡ.ସୁବ୍ରତ ମୁଣ୍ଡଙ୍କ ଦ୍ୱାରା ପ୍ରତିଷ୍ଠାତା ଡା.ଧୀରେନ୍ଦ୍ର ନାଥ ମୁଣ୍ଡଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଅନୁଷ୍ଠାନର କର୍ମକର୍ତ୍ତାଗଣ ଶ୍ରୀମଦଭଗବତ ଗୀତା ପଠନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରଥମ ଅଧିବେଶନରେ ଗଙ୍ଗାଧର ଶିଶୁ ସାହିତ୍ୟ ସଂସଦର କୁନିକୁନି ଶିଶଙ୍କୁ ଦ୍ୱାରା ଶିଶୁ ସାହିତ୍ୟିକଙ୍କ କବିତା ପାଠୋତ୍ସବ ପର୍ବର ସୂଭାରମ୍ଭ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ଫଗୋକର୍ଣ୍ଣିକା' ପତ୍ରିକା ସମ୍ପାଦକରମାକାନ୍ତ ଜେନା, ଉପସଭାପତି ମହେନ୍ଦ୍ର ମଲ୍ଲିକ, ସମ୍ପାଦକ ବୀରେନ୍ଦ୍ର ମହାନ୍ତି, ସ୍ୱତନ୍ତ୍ର ଅତିଥି ଡ.ସୁନାମଣିରାଉତ, ଆଲୋଚକ ଭାବେ ଡ.ରବୀନ୍ଦ୍ର ଗଡ଼ତିଆ ଓ ଡ.ରାଜକିଶୋର ପାଢ଼ୀ ପ୍ରମୁଖ ଯୋଗଦେଇ ଡକ୍ଟର ମୁଣ୍ଡଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଶେଷ ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହ ଓଡିଆ ଶିଶୁ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ବକ୍ତବ୍ୟ ମାନରଖିଥିଲେ। ଶିଶୁ ସାହିତ୍ୟିକ ଡ.ରବିନାରାୟଣ ସାହୁଙ୍କ ସଂଯୋଜନାରେ ଆୟୋଜିତ ସମାରୋହରେ ଆବାହକ ତଥା ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ସଙ୍ଗୀତଜ୍ଞ ନବକିଶୋର ମହନ୍ତମ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ସଫଳତା ପାଇଁ ଅଧ୍ୟକ୍ଷ ମଧୁସ୍ମିତା ମୁଣ୍ଡ, ଉପାଧ୍ୟକ୍ଷ ସୁଶୀଳ ରଥ, ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ, ରୋହିତରାୟ, ମୃତ୍ୟୁଞ୍ଜୟ ସାହୁ, ଆଦି ଶିକ୍ଷକ ଶିକ୍ଷୟିତ୍ରୀଗଣ ଓ କର୍ମକର୍ତ୍ତାଙ୍କୁ ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ଧନ୍ୟବାଦ ଜଣାଇଥିଲେ।

# ନିରଞ୍ଜନ ପାତ୍ରଙ୍କ ପରଲୋକ

**ବରଗଡ଼, ୧୯।୨(ସମିସ):** ବରଗଡ଼ ଜିଲ୍ଲା ସୋହେଲା ବ୍ଲକ କେନ୍ଦପାଲି ଗାଁର ଜଣାଶୁଣା ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ



ପାତ୍ରଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା। ସେ ଜଣେ ଛାତ୍ରବାତ୍ସଲ ବ୍ୟକ୍ତି ଥିଲେ। ଚକରକେନ୍ଦ ପ୍ରାଥମିକ ଏମ୍‌ଇ ସ୍କୁଲରେ ଦୀର୍ଘକାଳ ପର୍ଯ୍ୟନ୍ତ ଶିକ୍ଷକତା କରିଥିଲେ। ସେ ତାଙ୍କ ପଛରେ ପତ୍ନୀ ବିଷ୍ଣୁପ୍ରିୟା, ପୁଅ ଅଗସ୍ତି ଓ ସୁମନ୍ତ, ଝିଅ ପ୍ରତିମା ଓ ସୁଷମା ଏବଂ ବୋହୁ, ଜ୍ୱାଇଁ ତଥା ନାତିନାତୁଣୀଙ୍କୁ ଛାଡି ଚାଲିଯାଇଛନ୍ତି। ଗ୍ରାମବାସୀ ତଥା ବନ୍ଧୁ ବାନ୍ଧବ ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ଜ୍ୟେଷ୍ଠ ପୁତ୍ର ଅଗସ୍ତି ପାତ୍ର ମୁଖାଗ୍ନି ଦେଇଥିଲେ।

# ନୃପତି ସାହୁଙ୍କ ପରଲୋକ



**ଅତାବିରା, ୧୯।୨(ସମିସ):** ବାବେବିରା ଗାଁର ଅବସରପ୍ରାପ୍ତ ଶିକ୍ଷକ ନୃପତି ସାହୁଙ୍କ ୮୭ ବର୍ଷ ବୟସରେ ପରଲୋକ ଘଟିଛି। ବାର୍ଦ୍ଧକ୍ୟ କାରଣ ଯୋଗୁଁ ବରଗଡ଼ର ଏକ ଘରୋଇ ହସ୍ପିଟାଲରେ ସପ୍ତାହେ କାଳ ଭର୍ତ୍ତି ହୋଇ ଗତରବିବାର ଅପରାହ୍ଣରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ଘଟିଛି। ଗାଁରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ ପୁଅ ସୁରେଶ ମୁଖାଗ୍ନି ଦେଇଥିଲେ।

## ପ୍ରାଚୀନ ପରମ୍ପରା ପୁନରୁଦ୍ଧାର ପାଇଁ ଆହ୍ୱାନ

# ସନ୍ତୋଷିନୀ ଦାଶଙ୍କୁ ଭଗବାନ ମିଶ୍ର ଶିକ୍ଷକ ଗୌରବ ସମ୍ମାନ

**ବରଗଡ଼, ୧୯।୨(ସମିସ):** ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଭଗବାନ ମିଶ୍ର ସ୍ମୃତି ସମିତି ଦ୍ୱାରା ବିଶିଷ୍ଟ ଶିକ୍ଷାବିତ ଓ ସମାଜ ସଂସ୍କାରକ ସ୍ୱ. ଭଗବାନ ମିଶ୍ରଙ୍କ ଜୟନ୍ତୀ ସମିତିର ସଭାପତି ସର୍ଦ୍ଦାର ପ୍ରିତମ ସିଂ ସଭାପତିତ୍ୱକରି ସ୍ୱାଗତ କରିଥିଲେ। ମୁଖ୍ୟବକ୍ତା ଭାବେ ପଦ୍ମପୁର, ଅଞ୍ଚଳ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ଯୋଗଦେଇ ପ୍ରାଚୀନ ଗୁରୁକୁଳ ପରମ୍ପରା ଭାରତକୁ 'ବିଶ୍ୱଗୁରୁ'ଭାବେ ଗୌରବାନ୍ୱିତ କରିଥିଲା ଯାହାକି ବିଦେଶୀ ପ୍ରଭାବେ ସେହି ଉଜ୍ଜ୍ୱଳ ମୂଲ୍ୟବୋଧ ହୋଇଗଲା। ଆଜି ସମୟ ଆସିଛି ଆମେ ସେହି ପବିତ୍ର ପରମ୍ପରାକୁ ପୁନର୍ଜୀବିତ କରିବାର। ଭଗବାନ ମିଶ୍ରଙ୍କ ଜୟନ୍ତୀ ପାଳନ ଓ ଶିକ୍ଷକ, ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ସମ୍ମାନ ଦେବା ମାଧ୍ୟମରେ ଆମେ ସେହି ଆଦର୍ଶକୁ ଜାଗୃତ କରିପାରିବା ବୋଲି ମନ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ଓ ସାହିତ୍ୟିକା ସନ୍ତୋଷିନୀ ଦାଶଙ୍କୁ ଭଗବାନ ମିଶ୍ର ଶିକ୍ଷକ ଗୌରବ ସମ୍ମାନରେ ସମ୍ମାନିତ ତଥା ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଜଗଦା ନନ୍ଦ ମିଶ୍ର ଅତିଥିଙ୍କୁ ଦୀପ ପ୍ରଜ୍ୱଳନ ସହ ମଞ୍ଚାସୀନ କରାଇଥିବା ବେଳେ ପ୍ରଫେସର ସନ୍ତୋଷ ପଣ୍ଡା ଅତିଥି ପରିଚୟ କରାଇଥିଲେ। ସମିତିର ଅଧ୍ୟକ୍ଷ ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମ୍ପାଦକ ପ୍ରତୁଳ ଚନ୍ଦ୍ର ତ୍ରିପାଠୀ ସମ୍ପାଦକୀୟ ବିବରଣୀ ଓ ମାନପତ୍ର ପଠନ କରିଥିଲେ। ଦୀପମ୍ ଜ୍ୟୋତି ଶ୍ଳୋକ ମନୋରମା ଷଡଙ୍ଗୀ ଗାନ କରିଥିବା ବେଳେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ହିନ୍ଦୀ ବିଭାଗ) ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଭଜନ ଗାନ କରିଥିଲେ ମହମ୍ମଦ ତୌଫିକ ଖାଁ ଉକ୍ତ ସମାରୋହରେ ଲୋକସଭା ସାଂସଦ ପ୍ରଦୀପ ପୁରୋହିତଙ୍କ ବାପାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅକ୍ଷୟ ମହାକୁଡଙ୍କୁ ରାଧେଶ୍ୟାମ ପୁରୋହିତ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା।ବରଗଡ଼ ଜିଲ୍ଲାରେ ୨୦୨୫ ବର୍ଷ ୧୦ମ ବୋର୍ଡ ପରୀକ୍ଷାରେ ସର୍ବାଧିକ



ମାର୍କ ଓ ବିଭିନ୍ନ ବିଷୟରେ ସର୍ବାଧିକ ମାର୍କ ରଖିଥିବା ୮ ଜଣ ଛାତ୍ରଛାତ୍ରୀଙ୍କୁ ମେଧା ପୁରସ୍କାର ପ୍ରଦାନ ସହ ହିନ୍ଦୀ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ୩୩ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ପାଇଁ ବିନୋଦ ସାହୁ, ରାମକୃଷ୍ଣ ଠାକୁରଙ୍କ ସହ ମଞ୍ଚରେ ବିଭିନ୍ନ କାର୍ଯ୍ୟକ୍ରମର କମଳ ଯୋଶୀ, ନୀଳାମ୍ବର ମେହେର, ଜଗଦୀଶ ସୈନ, ଅରବିନ୍ଦ ଗୁପ୍ତା, ଅଭିମନ୍ୟୁ ଭୋଷାଗର, ମନୋରମା ଷଡଙ୍ଗୀ, ମିନାକ୍ଷୀ ଦାଶ, ଖୁସ୍ବୁ ଶର୍ମା, ସଂଘମିତ୍ରା ପଟେଲ, ଗୋପାଳ ଷଡଙ୍ଗୀ, ସୁନୀଲ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଜଗଦାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# 'ଶିକ୍ଷାରେ ସର୍ବାଙ୍ଗୀନ ଗୁଣବତ୍ତା ପରିଚାଳନା' ଶୀର୍ଷକ ଆଲୋଚନାଚକ୍ର

**ପଦ୍ମପୁର, ୧୯।୨(ସମିସ):** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁର ସ୍ନାତକୋତ୍ତର ଶିକ୍ଷା ବିଭାଗ ଏବଂ ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ପ୍ରକୋଷ୍ଠର ମିଳିତ ଆନୁକୂଲ୍ୟରେ ତଥା ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ପୌରୋହିତ୍ୟରେ 'ଶିକ୍ଷା କ୍ଷେତ୍ରରେ ସର୍ବାଙ୍ଗୀନ ଗୁଣବତ୍ତା ପରିଚାଳନା' ଶୀର୍ଷକ ଏକ ଆଭାସୀ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ସମ୍ପାଦକ ବା ବିଶେଷଜ୍ଞ ଭାବେ ଇଟିଏମ୍‌ଏ ପରିଷଦର ଅଧ୍ୟକ୍ଷ ପ୍ରଫେସର ମର୍ମର ମୁଖୋପାଧ୍ୟାୟ ଯୋଗଦେଇ ଶିକ୍ଷାର ମାନ ବୃଦ୍ଧି ଉପରେ ନିଜର ମତ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଡ.ତୁଷାରକାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ.ସସ୍ମିତା ମେହେର ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିକ୍ଷା କ୍ଷେତ୍ରରେ ଗୁଣବତ୍ତାର ସଜ୍ଞା, ଏହାର ମୂଳ ନୀତି ଏବଂ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ବିଦ୍ୟାଳୟ ଓ ଉଚ୍ଚଶିକ୍ଷା ସ୍ତରରେ ଏହାର ପ୍ରୟୋଗ ସମ୍ପର୍କରେ ଗଭୀର ଆଲୋକପାତ କରାଯାଇଥିଲା। ବିଶେଷ କରି ଶିକ୍ଷାଦାନ ଶୈଳୀରେ କିଭଳି ସଂସ୍କାର ଅଣାଯାଇପାରିବ ସେ ନେଇ ପ୍ରଫେସର ମୁଖୋପାଧ୍ୟାୟ ଆଲୋଚନା କରିଥିଲେ। ଆଲୋଚନାଚକ୍ରରେ ଦେଶର ବିଭିନ୍ନ ପ୍ରାନ୍ତରୁ ଏବଂ ମହାବିଦ୍ୟାଳୟର ଶତାଧିକ ଶିକ୍ଷାବିତ୍, ଗବେଷକ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଶେଷରେ ଡ.ଭେଙ୍କଟେଶ ମେହେର ସମସ୍ତଙ୍କୁ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଅତାବିରା, ୧୯।୨(ସମିସ):** ଭୋଇପୁରାସ୍ଥିତ ଅତାବିରା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ମୁଖ୍ୟବକ୍ତା ଭାବେ ସମ୍ବଲପୁର ମହିଳା ମହାବିଦ୍ୟାଳୟର ଇଂରାଜୀ ବିଭାଗର ସହକାରୀ ପ୍ରାଧ୍ୟାପକ ଡ.ପିତାମ୍ବର ବେହେରା ଯୋଗ ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଗୀତା ବୁଧିଆ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଇଂରାଜୀ ଶିକ୍ଷକ ରଘୁନନ୍ଦନ ରାଉତିଆ ସଭାର ମୁଖ୍ୟ ସଂଯୋଜକ ଭାବେ ଦାୟିତ୍ୱ ତୁଲାଇଥିଲେ। ଜିଲ୍ଲା ଓ ରାଜ୍ୟସ୍ତରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ସୀମାଞ୍ଚଳ ପ୍ରଧାନ ସଂଯୋଜନା କରିଥିଲେ। ଶେଷରେ ହିନ୍ଦୀ ଶିକ୍ଷକ ଆଶିଷ ସା ଧନ୍ୟବାଦ ଅର୍ପଣ କରିଥିଲେ। ଛାତଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ, ଦେଶାତ୍ମବୋଧକ ସଙ୍ଗୀତ, ପିରାମିଡ, ଯୋଗ, ରାମାୟଣ ଓ ମହାଭାରତ ଉପରେ ପର୍ଯ୍ୟବେଷିତ ଗୀତିନାଟ୍ୟ, ଏକାଙ୍କିକା, ନାଟକ ଆଦି ପରିବେଷଣ କରିଥିଲେ।

## ସୋହେଲା କପ୍ କ୍ରିକେଟ ପ୍ରତିଯୋଗିତା

# ସୋହେଲା ଏବଂ ବଲାଙ୍ଗିର ବିଜୟୀ

**ସୋହେଲା, ୧୯।୨(ସମିସ)**

ଡ.ରଞ୍ଜନ ମହାପାତ୍ରଙ୍କ ସ୍ମୃତିରେ ସୋହେଲା ଆଥଲେଟିକ ଆସୋସିଏସନ ଦ୍ୱାରା ସ୍ଥାନୀୟ ମିନି ଷ୍ଟେଡିୟମ ଠାରେ ଚାଲିଥିବା ସୋହେଲା କପ କ୍ରିକେଟ ପ୍ରତିଯୋଗିତାର ଆଜି ଦ୍ୱିତୀୟ ଦିନରେ କନସିଂହା ଏବଂ ସୋହେଲା ମଧ୍ୟରେ ପ୍ରଥମ ମ୍ୟାଚ୍ ଏବଂ ୟଙ୍ଗ ଷ୍ଟୁଡେଣ୍ଟ ବଲାଙ୍ଗିର ଓ ଲାଉମୁଣ୍ଡା ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ପ୍ରଥମ ମ୍ୟାଚ୍‌ରେ ସୋହେଲା କନସିଂହାକୁ ୨୨ରନରେ ପରାସ୍ତ କରି ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଲାଉମୁଣ୍ଡାକୁ ହରାଇ ବଲାଙ୍ଗିର ଦଳ ବିଜୟୀ ହୋଇଥିଲା। ସୋହେଲା ପ୍ରଥମେ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୧୫୬ରନ କରିଥିଲା। କନସିଂହା ଦଳ ଏହି ଟାର୍ଗେଟକୁ ପିଛା କରି ୧୩୪ରନରେ ଅଲଆଉଟ ହୋଇ ୨୨ରନରେ ପରାଜିତ ହୋଇଥିଲା। ସୋହେଲା ଦଳର ଖେଳାଳି ଅଶୋକ ମିଶ୍ର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍ ୟଙ୍ଗ ଷ୍ଟୁଡେଣ୍ଟ ବଲାଙ୍ଗିର ଏବଂ ଲାଉମୁଣ୍ଡା ମଧ୍ୟରେ



ଖେଳାଯାଇଥିଲା। ବଲାଙ୍ଗିର ଦଳ ପ୍ରଥମେ ବ୍ୟାଟିଂ କରି ୧୭୫ରନ କରିଥିଲା। ଲାଉମୁଣ୍ଡା ଦଳ ଏହି ସ୍କୋରକୁ ପିଛକରି ୧୧୭ରନ କରିଥିଲା ଏବଂ ୫୮ରନରେ ପରାଜିତ ହୋଇଥିଲା। ମ୍ୟାଚ୍‌ରେ ବଲାଙ୍ଗିରର ସୁମନ୍ତ ମିଶ୍ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆଜିର ମ୍ୟାଚ୍‌କୁ ଓସିଏ ଅମ୍ପାୟାର ହନୁ ଅଗ୍ରୱାଲ ଏବଂ ଅନ୍ତର୍ଯ୍ୟାମୀ ପଧାନ ପରିଚାଳନା କରିଥିଲେ। ଅନିମେଶ ଦେବତା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ରିଙ୍କୁ ଭୋଇ, ଚନ୍ଦ୍ରମଣି ଭଞ୍ଜ ଧାରାବିବରଣୀ ପ୍ରଦାନ କରିଥିଲେ। ବରିଷ୍ଠ ଖେଳାଳି ଜୟପ୍ରକାଶ ଅଗ୍ରୱାଲ, ଶୈଳେଶ ଗୁପ୍ତା, ଭୋଳା ଅଗ୍ରୱାଲ ଅତିଥି ଭାବେ ଯୋଗ ଦେଇ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

